# Official Spokesperson's response to media queries on the situation in the western sector of the India-China border

June 16, 2020

## ଭାରତ-ଚୀନ ସୀମାର ପଶ୍ଚିମ କ୍ଷେତ୍ରରେ ପରିସ୍ଥିତିକୁ ନେଇ ଗଣମାଧ୍ୟମର ପ୍ରଶ୍ନ ଉପରେ ସରକାରୀ ମୁଖପାତ୍ରଙ୍କ ପ୍ରତିକ୍ରିୟା

**ଜୁନ** 16, 2020

**ଭାରତ-ଚୀନ ସୀମାର ପଶ୍ଚିମ କ୍ଷେତ୍ରରେ ପରିସ୍ଥିତିକୁ ନେଇ ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ ସରକାରୀ ମୁଖପାତ୍ର ଶ୍ରୀ ଅନୁରାଗ ଶ୍ରୀବାସ୍ତବ କହିଛନ୍ତିଯେ,**

"ପୂର୍ବ ଲଦାଖର ସୀମାବର୍ତ୍ତୀ ଅଞ୍ଚଳର ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିକୁ ଦୂର କରିବା ପାଇଁ ସାମରିକ ଏବଂ କୂଟନୈତିକ ସ୍ତରରେ ଭାରତ ଏବଂ ଚୀନ ଆଲୋଚନା କରୁଛନ୍ତି।

ଦୁଇ ଦେଶର ବରିଷ୍ଠ କମାଣ୍ଡରମାନଙ୍କ ମଧ୍ୟରେ 6 ଜୁନ 2020 ରେ ହୋଇଥିବା ବୈଠକ ଫଳପ୍ରଦ ହୋଇଥିଲା ଏବଂ ଏହି ପରିସ୍ଥିତିକୁ ଦୂର କରିବା ପାଇଁ ଏକ ପ୍ରକ୍ରିୟାରେ ସହମତି ହୋଇଥିଲା। ପରବର୍ତ୍ତୀ ସମୟରେ ଉଚ୍ଚ ସ୍ତରରେ ହୋଇଥିବା ସହମତିକୁ କାର୍ଯ୍ୟକାରୀ କରିବା ପାଇଁ ଗ୍ରାଉଣ୍ଡ କମାଣ୍ଡରମାନେ ଅନେକ ବୈଠକ କରିଥିଲେ।

ଆମେ ଆଶା କରିଥିଲୁ ଯେ ଏହା ସୁରୁଖୁରୁରେ ଚାଲିବ, ମାତ୍ର ଚୀନ ପକ୍ଷ ଗଲୱାନ ଉପତ୍ୟକାରେ ଥିବା ବାସ୍ତବ ନିୟନ୍ତ୍ରଣ ରେଖା ବା ଏଲଏସିକୁ ସମ୍ମାନ ଦେବା ପାଇଁ ହୋଇଥିବା ସହମତିରୁ ଓହରି ଯାଇଛନ୍ତି।

15 ଜୁନ୍ 2020 ର ବିଳମ୍ବିତ ସନ୍ଧ୍ୟା ଏବଂ ରାତିରେ ଚୀନ ପକ୍ଷରୁ ଏକପାଖିଆ ଭାବରେ ଯଥାସ୍ଥିତି ପରିବର୍ତ୍ତନ କରିବାକୁ ଚେଷ୍ଟା କରିବାରୁ ଏକ ହିଂସାତ୍ମକ ସଂଘର୍ଷ ଘଟିଥିଲା। ଏଥିରେ ଉଭୟ ପକ୍ଷର ଯବାନ ଆହତ ହୋଇଥିଲେ ଯାହାକୁ ଏଡାଇ ଦିଆଯାଇପାରିଥାନ୍ତା ଯଦି ଚୀନ ପକ୍ଷରୁ ଉଚ୍ଚ ସ୍ତରରେ ହୋଇଥିବା ଚୁକ୍ତିନାମା ନିଷ୍ଠାର ସହ ଅନୁସରଣ କରାଯାଇଥାନ୍ତା।

ସୀମା ପରିଚାଳନା ପାଇଁ ନିଜର ଦାୟିତ୍ୱପୂର୍ଣ୍ଣ ଭୂମିକାକୁ ଦୃଷ୍ଟିରେ ରଖି ଭାରତ ବହୁତ ସ୍ପଷ୍ଟଯେ ଏହାର ସମସ୍ତ କାର୍ଯ୍ୟକଳାପ ସର୍ବଦା ବାସ୍ତବ ନିୟନ୍ତ୍ରଣ ରେଖାର ଭାରତୀୟ ପାର୍ଶ୍ୱରେ ଚାଲିଛି। ଆମେ ଚୀନ ପକ୍ଷରୁ ସମାନ କାର୍ଯ୍ୟ ଆଶା କରୁଛୁ।

ସୀମା ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତା ବଜାୟ ରଖିବା ତଥା କଥାବାର୍ତ୍ତା ମାଧ୍ୟମରେ ମତଭେଦ ଦୂର କରିବାର ଆବଶ୍ୟକତା ଉପରେ ଆମେ ଦୃଢ ଭାବରେ ବିଶ୍ୱାସ କରୁଛୁ। ଏଥି ସହିତ ଆମେ ଭାରତର ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ଅଖଣ୍ଡତା ସୁନିଶ୍ଚିତ କରିବାକୁ ମଧ୍ୟ ଦୃଢ ପ୍ରତିବଦ୍ଧ।"

**ନୂଆଦିଲ୍ଲୀ**

**ଜୁନ** 16, 2020

DISCLAIMER: This is an approximate translation. The original is available in English on MEA's website and may be referred to as the official press release.